## ପାଠ-୧୧


# ହରଣ କରି ଜାଣିବା

ଓଧ ଓ ନେଉଳ ଗୋଟିଏ ପୋଖରୀରୁ ଜାଲ ପକାଇ ମାଛ ଧରିଲେ। ଦୁଇଜଣଙ୍କର ଖୁସି କହିଲେ ନ ସରେ, କେତେ ମାଛ । ହେଲେ ସେମାନଙ୍କର ମନରେ ଦୁଃଖ ରହିଗଲା ସବୁମାଛ ସମାନ ବଢ଼ି ନାହାଁନ୍ତି। ଅଳ୍ପ କେତୋଟି ମାଛ ବହୁତ ବଡ଼ ହୋଇଛନ୍ତି। ତିନି ପ୍ରକାରର ମାଛ- ଛୋଟମାଛ, ମଝିଆ ପ୍ରକାରର ମାଛ ଓ ବଡ଼ମାଛ। ବଡ଼ମାଛ ୨ଟି, ମଝିଆ ପ୍ରକାରର ମାଛ ୪ଟି ଓ ସାନମାଛ ୮ଟି ।



ମାଛ କିପରି ବାଣ୍ଟିବେ ଓଧ ଓ ନେଉଳ ? କ'ଣ କରିବେ। ନେଉଳ ଟିକିଏ ଚଲାକ୍ କରି ଓଧକୁ କହିଲା, "ଛୋଟମାଛର ସଂଖ୍ୟା ଅଧିକ, ତୁମେ ନେଇଯାଅ। ବଡ଼ମାଛ ଓ ମଝିଆମାଛଙ୍କ ସଂଖ୍ୟା ମିଶି କମ୍, ତେଣୁ ମୁଁ ନେଇଯାଉଛି"। ଓଧ ଭାବିଲା- ସାନ ମାଛ ସଂଖ୍ୟା ଅଧିକ କିନ୍ତୁ ବଡ଼ମାଛଙ୍କ ସହ ସମାନ ହେବେ ନାହିଁ। ଓଧ କହିଲା- "ଠିକ୍ ଅଛି, ମୁଁ ବଡ଼ ଓ ମଝିଆମାଛ ନେଇଯାଉଛି। ତୁମେ ସାନମାଛ ସବୁ ନେଇଯାଅ।" ଏ କଥାରେ ନେଉଳ ରାଜି ହେଲା ନାହିଁ। ଦୁହିଁଙ୍କ ଭିତରେ କଥାବାର୍ତ୍ତା, ପରେ କଳି। ଶେଷରେ କ'ଣ ନିଷ୍ପତ୍ତି ହୋଇଥିବ ? ସେମାନେ କେମିତି ମାଛକୁ ବାଣ୍ଟିଥିବେ କହ।

ସେମାନେ କିପରି ମାଛଗୁଡ଼ିକୁ ବାଣ୍ଟିଲେ ଆସ ଦେଖିବା।



- ଆସ, ଆଉ ଗୋଟିଏ ପରିସ୍ଥିତି ସଂପର୍କରେ ଆଲୋଚନା କରିବା।

ଥରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ବନ୍ୟା ହୋଇଥିଲା। କେନ୍ଦ୍ର ସରକାର ଓଡ଼ିଶା ଓ ପଶ୍ଚିମବଙ୍ଗ ପାଇଁ ଚୁଡ଼ା ବସ୍ତା ଟ୍ରେନ୍‌ରେ ପଠାଇଲେ । ଉଭୟ ରାଜ୍ୟ ସମାନ ସଂଖ୍ୟକ ଚୁଡ଼ା ବସ୍ତା ବାଣ୍ଟିନେବେ। ମୋଟ ୮ଟି ଟ୍ରକ (ପ୍ରତ୍ୟେକ ଟ୍ରକରେ ୧୦୦ ବସ୍ତା), ୬ଟି ଟ୍ରାକ୍‌ଟରରେ (ପ୍ରତି ଟ୍ରାକ୍‌ଟରରେ ୧୦ ବସ୍ତା ଲେଖାଏଁ) ଓ ୪ଟି ଖୋଲା ବସ୍ତା ଚୁଡ଼ା ଆସିଥିଲା।

☞ ଏବେ କହ, ସମାନ ଭାଗ କରି ବାଣ୍ଟିବାରେ ନିମ୍ନ ମଧ୍ୟରୁ କେଉଁଟି ଠିକ୍,ସହଜ ଓ ଶୀଘ୍ର ହେବ ?

(କ) ସମସ୍ତ ଚୁଡ଼ା ବସ୍ତାକୁ କାଢ଼ି ଗଣିବା ଓ ବସ୍ତା ବସ୍ତା କରି ଭାଗ ବାଣ୍ଟିବା।

(ଖ) ଗୋଟିଏ ରାଜ୍ୟ ୮ ଟ୍ରକ ଚୁଡ଼ା ବସ୍ତା ଓ ଅନ୍ୟ ରାଜ୍ୟଟି ୬ଟି ଟ୍ରାକ୍‌ଟରରେ ଥିବା ଚୁଡ଼ା ଓ ୩ଟି ଖୋଲା ବସ୍ତା ନେବେ।

(ଗ) ଟ୍ରକ,ଟ୍ରାକ୍‌ଟର ଓ ଖୋଲା ଗୋଟିକିଆ ବସ୍ତାରେ ଥିବା ଚୁଡ଼ାରୁ ଯେ କୌଣସି ରାଜ୍ୟକୁ ଯେତେ ବସ୍ତା ଦେଲେ ଚଳିବ।

(ଘ) ପ୍ରତି ରାଜ୍ୟକୁ ସମାନ ସମାନ ଟ୍ରକର ଚୁଡ଼ା, ସମାନ ସମାନ ଟ୍ରାକଟରର ଚୁଡ଼ା ଓ ସମାନ ସମାନ ଖୋଲାବସ୍ତା ଚୁଡ଼ା ଦିଆଯିବ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

- ଉପରେ ଦିଆଯାଇଥିବା ଚୁଡ଼ାବଣ୍ଟା ପରିସ୍ଥିତିକୁ ଭାଗକ୍ରିୟାରେ କିପରି ପ୍ରକାଶ କରାଯାଇପାରିବ ?

  ୮ଟି ଟ୍ରକରେ ଥିଲା ୮ଶହ ବସ୍ତା ଚୁଡ଼ା, ଏହାକୁ ଦୁଇ ସମାନ ଭାଗ କଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୪ଟ୍ରକ ଚୁଡ଼ା ବା ୪ଶହ ବସ୍ତା

  ଅର୍ଥାତ୍ ୮ଶହ ÷ ୨ = ୪ଶହ

- ଗୋଟିଏ ଟ୍ରାକ୍‌ଟରରେ ଥିଲା ୧୦ବସ୍ତା ଚୁଡ଼ା, ୬ଟି ଟ୍ରାକ୍‌ଟରରେ ଥିଲା ୬ଦଶ (=୬୦)ବସ୍ତା ଚୁଡ଼ା

  ଦୁଇ ରାଜ୍ୟ ମଧ୍ୟରେ ଏହାକୁ ସମାନ ଭାବରେ ବାଣ୍ଟିନେଲେ ପ୍ରତି ରାଜ୍ୟ ପିଛା ପଡ଼ିବ ୩ଦଶ ଚୁଡ଼ା ବସ୍ତା

  ଏହାକୁ ଏପରି ଲେଖାଯିବ ୬ଦଶ ÷ ୨ = ୩ଦଶ

- ସେହିପରି ୪ଟି ଖୋଲା ଚୁଡ଼ାବସ୍ତାକୁ ଦୁଇ ସମାନ ଭାଗ କଲେ, ପ୍ରତି ଭାଗରେ ପଡ଼ିବ ୨ ବସ୍ତା ।

  ୪ଏକ ÷ ୨ = ୨ଏକ

ଅର୍ଥାତ୍ ୮ଶହ ୬ ଦଶ ୪ଏକ ÷ ୨ = ୪ଶହ ୩ଦଶ ୨ଏକ

୮୬୪ ÷ ୨ = ୪୩୨

ଉପରେ ଦିଆଯାଇଥିବା ଭାଗ କରିବାର ପ୍ରଣାଳୀକୁ ଚିତ୍ରରେ ଦର୍ଶାଅ-

☞ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ଲେଖ ।

(କ) ୬ ଶହ ୪ଦଶ ଓ ୨ଏକ କୁ ୨ଭାଗ କଲେ,ପ୍ରତି ଭାଗରେ ପଡ଼ିବ ☐ ଶହ ☐ ଦଶ ଓ ☐ ଏକ,

ସଂଖ୍ୟାରେ ଲେଖିଲେ ୬୪୨÷ ୨ = ☐

(ଖ) ୬ ଶହ ୩ ଦଶ ଓ ୩ ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୬୩୩ ÷୩ = ☐

(ଗ) ୯ ଶହ ୬ଦଶ ଓ ୦ଏକ କୁ ୩ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୯୬୦ ÷୩ = ☐

(ଘ) ୮ଶହ ୦ ଦଶ ଓ ୪ ଏକକୁ ୪ ଭାଗ କଲେ ଗୋଟିଏ ଭାଗରେ ☐ ଶହ ☐ ଦଶ ଓ ☐ ଏକ ପଡ଼ିବ,

ସଂଖ୍ୟାରେ ଲେଖିଲେ ୮୦୪ ÷୪= ☐

- ୩୨୫ କୁ ୫ ଦ୍ୱାରା କିପରି ଭାଗକରାଯାଏ, ଆସ ଦେଖିବା ।

```
      ୦୬୫
  ୫ ) ୩୨୫
      ୦
  ---------
      ୩୨
      ୩୦
      -----
       ୨୫
       ୨୫
      -----
        ୦
```

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

**ପ୍ରଥମ ସୋପାନ-** ପ୍ରଥମେ ୩ ଶହ ନେବା ୫ ଭାଗ କରିବା (୩ କୁ ୫ ଦ୍ୱାରା ଭାଗ କରିପାରିବା ନାହିଁ)। ତେଣୁ ୩ ଶହ ଓ ୨ଦଶ ନେବା । ଏହାକୁ ୫ଦ୍ୱାରା ଭାଗ କରିବା ।

**ଦ୍ୱିତୀୟ ସୋପାନ-** ୩ ଶହ ୨ଦଶ = ୩୨ଦଶ, ୩୨ଦଶ କୁ ୫ ଦ୍ୱାରା ଭାଗ କରିବା ।

୩୨ଦଶକୁ ୫ ଦ୍ୱାରା ଭାଗ କଲେ ପ୍ରତି ଭାଗରେ ପଡିବ ୬ଦଶ ଓ ୨ଦଶ ବଳିଲା ।

**ତୃତୀୟ ସୋପାନ-** ବର୍ତ୍ତମାନ ରହିଲା ୨ଦଶ ଓ ୫ ଏକ = ୨୫ଏକ

**୨୫ ଏକକୁ ୫ ଭାଗ କଲେ ପ୍ରତି ଭାଗରେ ୫ ଏକ ପଡ଼ିବ ।**

ଆଉ କୌଣସି ସଂଖ୍ୟା ବଳିଲା ନାହିଁ ।

ତେଣୁ ୩୨୫ ÷୫ = ୬ ଦଶ ୫ ଏକ ବା ୬୫

☞ ତୁମେ ନିମ୍ନ ହରଣକ୍ରିୟାଗୁଡ଼ିକୁ ନିଜେ କର ।

(କ) ୩ ) ୬୩୯ (ଗ) ୮ ) ୬୪୮

(ଖ) ୫ ) ୭୫୦ (ଘ) ୬ ) ୯୮୪

ଉଦାହରଣ - ୧

୮୨୩ଟି ପଙ୍ଖାକୁ ୩ଜଣ ବ୍ୟବସାୟୀ ସମାନ ଭାଗରେ ବାଣ୍ଟିନେଲେ । ପ୍ରତ୍ୟେକଙ୍କ ଭାଗରେ କେତୋଟି ପଙ୍ଖା ପଡ଼ିବ ?

ସମାଧାନ-

```
      ୨୭୪
   ---------
୩ ) ୮୨୩
    ୬
   ---------
    ୨୨
    ୨୧
   ---------
     ୧୩
     ୧୨
   ---------
      ୧
```

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT

ଲକ୍ଷ୍ୟ କର, ପ୍ରତ୍ୟେକ ବ୍ୟବସାୟୀ ୨୭୪ଟି ନେଲା ପରେ ମଧ୍ୟ ଗୋଟିଏ ପଙ୍ଖା ବଳିପଡ଼ିଲା । ଅର୍ଥାତ୍ ଭାଗ କଲାବେଳେ କେତେକ କ୍ଷେତ୍ରରେ କିଛି ବଳେ ନାହିଁ ଓ କେତେକ କ୍ଷେତ୍ରରେ କିଛି ବଳିପଡ଼େ ।

ମନେରଖ, ଯାହାକୁ ଭାଗ କରାଯାଏ, ଅର୍ଥାତ୍ ଯେଉଁ ମୂଳ ଜିନିଷକୁ ଭାଗ ବଣ୍ଟାଯାଇଥାଏ, ତା'କୁ **ଭାଜ୍ୟ** କୁହାଯାଏ ।

ଯେତିକି (ଯାହାଦ୍ୱାରା) ଭାଗ କରାଯାଏ, ତା'କୁ **ଭାଜକ** କୁହାଯାଏ ।

ଭାଗ ହେବା ପରେ ଗୋଟିଏ ଭାଗରେ ଯେତିକି ପଡ଼ିଲା, ତା'କୁ **ଭାଗଫଳ** କୁହାଯାଏ ।

ଭାଗକ୍ରିୟା ପରେ ଯାହା ବଳିପଡ଼େ, ତା'କୁ **ଭାଗଶେଷ** କୁହାଯାଏ ।


- ଉପର ଉଦାହରଣରେ ଆମେ ଦେଖିଲେ ୮୨୩ ÷ ୩ = ୨୭୪ ପଡ଼ି ୧ ବଳିଲା ।
  ଏଠାରେ ୮୨୩କୁ ଭାଗ କରାଯାଇଛି, ତେଣୁ ୮୨୩ ହେଉଛି ଭାଜ୍ୟ,
  ୮୨୩କୁ ୩ ସମାନ ଭାଗ କରାଯାଇଛି, ଏଠାରେ ୩ ହେଉଛି ଭାଜକ,
  ୮୨୩କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡୁଛି, ଏଠାରେ ୨୭୪ ହେଉଛି ଭାଗଫଳ ।
  ୮୨୩କୁ ୩ ଭାଗ କରିବା ଫଳରେ ପ୍ରତି ଭାଗରେ ୨୭୪ ପଡ଼ିବା ପରେ ମଧ୍ୟ ୧ ବଳି ପଡୁଛି, ତେଣୁ ୧ ହେଉଛି ଭାଗଶେଷ ।

☞ ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ହେଲା ଲେଖ ।-

(କ) ୪ ) ୮୨୪ (ଖ) ୨ ) ୯୩୨ (ଗ) ୪ ) ୭୩୬

(ଘ) ୩ ) ୯୬୩ (ଙ) ୩ ) ୬୩୬ (ଚ) ୩ ) ୯୩୫

• ଗାଁ ଗହଳିର କଥା, ଛୋଟ ଗାଁ ଟିଏ, ନାମ ଅଲେଖପୁର । ଗାଁରେ ମାତ୍ର ୯ ଘର, ସମସ୍ତେ ଗାଁରେ ଥିବା କେତେକ ପଣସ ଗଛରୁ ୨୮୭ଟି ପଣସ ତୋଳିଲେ ଓ ସମାନ ଭାଗରେ ବାଣ୍ଟିନେଲେ । କେତୋଟି ପଣସ ବଳିପଡ଼ିଥିବ ? ଜଣଙ୍କ ଭାଗରେ କେତୋଟି ପଣସ ପଡ଼ିଥିବ ? ରାତିରେ ଗାଁରେ ସଭା ବସିଥିଲା । ଗାଁ ଦାଣ୍ଡର ରାସ୍ତା ତିଆରି ହେବ । ପଇସା ଆସିବ କେଉଁଠୁ ? ଜଣେ ଲୋକ ଠିଆ ହୋଇ ପ୍ରସ୍ତାବ ଦେଲା, ଆମେ ସମସ୍ତେ ଆଜି ଯେଉଁ ପଣସ ନେଇଥିଲେ ସେ ସବୁକୁ ଏକାଠି କରି ବିକିଦେବା । ସମସ୍ତେ ଏ ପ୍ରସ୍ତାବରେ ରାଜିହେଲେ ଓ ନିଜେ ନେଇଥିବା ପଣସ ଆଣି ନିମ୍ନଭଳି ରଖିଲେ ।



☞ ଏବେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ-

- ମୋଟ୍ କେତୋଟି ପଣସ ତୋଳା ଯାଇଥିଲା ?
- ଗ୍ରାମରେ ମୋଟ୍ କେତେ ଘର ଥିଲା ?
- ପ୍ରତି ଘର ପିଛା କେତୋଟି ଲେଖାଏଁ ପଣସ ପଡ଼ିଲା ?
- ଆଉ କେତୋଟି ପଣସ ବଳିପଡ଼ିଲା ?

ଏହି ଭାଗକ୍ରିୟାରେ ଭାଜ୍ୟ, ଭାଜକ, ଭାଗଫଳ ଓ ଭାଗଶେଷ କେତେ ପାଇଲ ତଳେ ଲେଖ ।

ଭାଜ୍ୟ = [ ], ଭାଜକ = [ ], ଭାଗଫଳ = [ ], ଭାଗଶେଷ = [ ]

ଗାଁ ଲୋକମାନେ ନେଇଥିବା ପଣସକୁ ଆଣି ରଖିବାପରେ ମୋଟ୍ ପଣସ ସଂଖ୍ୟା ଜାଣିବେ କିପରି ?ମୋଟ୍ ପଣସ ଏମିତି ହିସାବ କରିବ -

୧ଟି ଭାଗରେ ୩୧ ଟି ପଣସ

୯ଟି ଭାଗରେ ୩୧ x ୯ଟି ପଣସ = ୨୭୯ ଟି ପଣସ

COMPETITIVE BOOKS Odisha Board and NCERT All Books With Solutions OBS

୮ଟି ଗୋଟିକିଆ ପଣସ ଅଛି,

ମୋଟ ପଣସ ସଂଖ୍ୟା = ୨୭୯ଟି ପଣସ + ୮ଟି ପଣସ = ୨୮୭ଟି ପଣସ

ତେବେ ୨୮୭ = ୩୧ x ୯ + ୮

ବା ୨୮୭ = ୯ x ୩୧ + ୮

∴ ଭାଜ୍ୟ = ଭାଜକ x ଭାଗଫଳ + ଭାଗଶେଷ

☞ ପ୍ରତ୍ୟେକ କ୍ଷେତ୍ରରେ ହରଣ କରି ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର। ତୁମର ଉତ୍ତର ଠିକ୍ ଅଛି କି ନାହିଁ ଜାଣିବା ପାଇଁ ଭାଜକରେ ଭାଗଫଳକୁ ଗୁଣ। ଗୁଣଫଳ ଯାହା ପାଇଲ, ସେଥିରେ ଭାଗଶେଷକୁ ମିଶାଅ। ଯୋଗଫଳ ଯଦି ଭାଜ୍ୟ ସହ ସମାନ ହେଲା, ତା'ହେଲେ ଜାଣିବ ତୁମେ କରିଥିବା ହରଣ ଠିକ୍ ଅଛି।

(କ) ୬୫୩ ÷ ୩

(ଖ) ୪୯୮ ÷ ୫

(ଗ) ୯୬୩ ÷ ୪

(ଘ) ୭୮୪ ÷ ୭

ଏବେ ବିଭିନ୍ନ ପରିସ୍ଥିତିରେ ହରଣର ବ୍ୟବହାର ସମ୍ପର୍କରେ ଜାଣିବା

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions

**ଉଦାହରଣ - ୧**

ଗୋଟିଏ ପେଟିରେ ୯ଟି ବହି ରଖାଯାଇପାରିବ। ୧୮୯ଟି ବହିକୁ କେତୋଟି ପେଟିରେ ରଖାଯିବ ?

**ସମାଧାନ-** ଏଠାରେ ପେଟି ସଂଖ୍ୟା ଜାଣିବା ପାଇଁ ୧୮୯ରେ ୯କୁ ଭାଗ କରାଯିବ।

ଗୋଟିଏ ପେଟିରେ ୯ଟି ବହି ରହେ।

୧୮୯ଟି ବହିକୁ = ୧୮୯ ÷ ୯ = ୨୧ଟି ପେଟିରେ ରଖିହେବ।

∴ ୧୮୯ଟି ବହି ୨୧ଟି ପେଟିରେ ରହିବ।

```
    ୨୧
୯ ) ୧୮୯
    ୧୮
    ---
     ୦୯
      ୯
    ---
      ୦
```

**ଉଦାହରଣ - ୨**

୮ଜଣ ପିଲା ୮୨୪ଟି କୋଳିକୁ ସମାନ ଭାଗରେ ବାଣ୍ଟିନେଲେ। ଜଣଙ୍କ ଭାଗରେ କେତୋଟି କୋଳି ପଡ଼ିବ ?

**ସମାଧାନ -**

୮ଜଣ ପିଲା ୮୨୪ଟି କୋଳି ଭାଗ ବାଣ୍ଟିବେ।

୧ଜଣ ପିଲା ଭାଗରେ କୋଳି ସଂଖ୍ୟା = ୮୨୪ ÷ ୮ = ୧୦୩ଟି

∴ ଜଣଙ୍କ ଭାଗରେ ୧୦୩ଟି କୋଳି ପଡ଼ିବ।

```
    ୧୦୩
୮ ) ୮୨୪
    ୮
    ---
    ୦୨
     ୦
    ---
     ୨୪
     ୨୪
    ---
      ୦
```

## ଅଭ୍ୟାସ କାର୍ଯ୍ୟ

୧. ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର ।

(କ) ୪୬୮ ÷ ୨ (ଖ) ୯୨୧ ÷ ୩

(ଗ) ୭୦୨ ÷ ୩ (ଘ) ୩୯୬ ÷ ୭

(ଙ) ୬୧୭ ÷ ୯ (ଚ) ୮୦୫ ÷ ୧୦

ପ୍ରତ୍ୟେକ କ୍ଷେତ୍ରରେ ଭାଗଶେଷ, ଭାଜକ ଠାରୁ ଅଧିକ ହେଉଛି ନା କମ୍ ହେଉଛି ? କାରଣ କ'ଣ ଲେଖ ।

୨. ଶୂନ୍ୟସ୍ଥାନ ପୂରଣ କର ।

(କ) ୫୨୬ ÷ ୨ = ଭାଗଫଳ.......... , ଭାଗଶେଷ ..........

(ଖ) ୭୯୩ ÷ ୫ = ଭାଗଫଳ.......... , ଭାଗଶେଷ ..........

(ଗ) ୩୦୪ ÷ ୪ = ଭାଗଫଳ.......... , ଭାଗଶେଷ..........

(ଘ) ୮୮୦ ÷ ୧୦ = ଭାଗଫଳ.......... , ଭାଗଶେଷ..........

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୩. ଶୂନ୍ୟସ୍ଥାନ ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୮୯୫ | ୨ | ୪୪୭ | ୧ |
| ୫୮୯ | ୪ | | |
| ୭୪୨ | ୭ | | |
| ୩୦୫ | ୮ | | |
| ୯୦୧ | ୬ | | |
| ୫୫୫ | ୫ | | |

୪. ନିମ୍ନରେ ଭାଜକ, ଭାଗଫଳ ଓ ଭାଗଶେଷ ଦତ୍ତ ଅଛି । ଭାଜ୍ୟ ନିର୍ଣ୍ଣୟ କର ।

| ଭାଜକ | ଭାଗଫଳ | ଭାଗଶେଷ | ଭାଜ୍ୟ |
|---|---|---|---|
| ୭ | ୧୫ | ୩ | |
| ୯ | ୧୦୫ | ୭ | |
| ୧୦ | ୩୨୮ | ୫ | |
| ୨୩ | ୮୭୯ | ୧୩ | |

୫. ୮,୯ ଓ ୪କୁ ବ୍ୟବହାର କରି ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ସାରଣୀର ବାମ ପଟ ସ୍ତମ୍ଭରେ ତଳକୁ ତଳ ଲେଖ । ଲେଖିଥିବା ସଂଖ୍ୟାକୁ ଦତ୍ତ ଭାଜକମାନଙ୍କ ଦ୍ୱାରା ଭାଗ କରି ଯେଉଁଠି ଭାଗଶେଷ '୦' ସେଠାରେ ( ✓ ) ଚିହ୍ନ ଦିଅ, ନହେଲେ (✗) ଚିହ୍ନ ଦିଅ ।

ଯେପରି-

| ଭାଜ୍ୟ | ଭାଜକ | | | |
|---|---|---|---|---|
| | ୨ | ୫ | ୮ | ୩ |
| ୮୯୪ | ✓ | ✗ | ✗ | ✓ |
| ୮୪୯ | | | | |
| | | | | |
| | | | | |
| | | | | |
| | | | | |
| | | | | |
| | | | | |

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT Books With Solu... OBS

୬. ନିମ୍ନ ସାରଣୀରେ ଥିବା ଶୂନ୍ୟ ଘର ଗୁଡ଼ିକରେ ଠିକ୍ ସଂଖ୍ୟା ଲେଖି ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| | ୫୭ | ୭ | ୧୫ |
| ୭୫୧ | ୭ | | ୪ |
| ୩୭୯ | ୮ | | |
| ୧୦୦ | ୧୦ | | |
| | ୯ | ୬୭ | ୦ |
| | ୭ | ୯୭ | ୫ |

କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଭାଗ କଲେ ଭାଗଫଳ କ'ଣ ହେଉଛି ଲେଖ ।(ଭାଜ୍ୟକୁ ୪୦, ୫୦, ୮୦, ୯୦ ଓ ୧୦୦ ନେଇ ଏହି କାମ କର ।)

୭.ସମାଧାନ କର ।

(କ) କରିମ୍ ପାଖରେ ୩୬୯ଟି ଟଗର ଫୁଲ ଅଛି । ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ସେ ୩ଟି ମାଳ ତିଆରି କରିବ ବୋଲି ସ୍ଥିର କଲା । ପ୍ରତି ମାଳରେ କେତୋଟି ଫୁଲ ରହିବ ?

(ଖ) ରୋମି ମହମବତି ତିଆରି କରେ । ଗୋଟିଏ ଦିନ ସେ ୭୨୫ଟି ମହମବତି ତିଆରି କଲା । ଗୋଟିଏ ପ୍ୟାକେଟ୍‌ରେ ୬ଟି ମହମବତି ରହିଲେ ସର୍ବାଧିକ କେତୋଟି ପ୍ୟାକେଟ୍ ହେବ ଓ କେତୋଟି ବତି ବଳକା ରହିବ ?

(ଗ) ତୁମ ଜନ୍ମଦିନରେ ବାପା ଗଛରୁ ୨୨୫ଟି ଚମ୍ପା ଫୁଲ ତୋଳିଥିଲେ । ଏହି ଫୁଲଗୁଡ଼ିକୁ ପ୍ରତି ଅତିଥିଙ୍କୁ ୫ଟି କରି ଦେବାରୁ ସମସ୍ତ ଅତିଥି ଫୁଲ ପାଇଲେ ଏବଂ ଆଉ ଫୁଲ ବଳିଲା ନାହିଁ । ତୁମ ଜନ୍ମଦିନର ଅତିଥି ସଂଖ୍ୟା କେତେ ?

(ଘ) ୪୩ଜଣ ପିଲାଙ୍କ ମଧ୍ୟରୁ ପ୍ରତି ପିଲାଙ୍କୁ ୪ଟି ଲେଖାଏଁ କମଳା ବାଣ୍ଟିବାରୁ ୨୮ଟି କମଳା ବଳି ପଡ଼ିଲା । ଯଦି ଜଣକୁ ୫ଟି କରି କମଳା ଦିଆଯାଇଥାନ୍ତା ତେବେ ଆଉ କେତୋଟି କମଳା ଦରକାର ପଡ଼ିଥାନ୍ତା ?

(ଙ) ଶିଶୁ ଦିବସରେ ଶିକ୍ଷକ ୧୫୬ ଜଣ ପିଲାଙ୍କୁ ୫ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ । ତାଙ୍କ ପାଖରେ ଆଉ ୩୮ଟି ଚକୋଲେଟ୍ ବଳି ପଡ଼ିଲା । ତେବେ ସେ କେତୋଟି ଚକୋଲେଟ୍ ଆଣିଥିଲେ ?

(ଚ) ସ୍ୱାଧୀନତା ଦିବସରେ ସାଜସଜା ପାଇଁ ପିଲାମାନେ ୬୩୭ଟି ପତାକା ତିଆରି କରି ସମାନ ଭାବରେ ୫ଟି ମାଳରେ ପତାକାଗୁଡ଼ିକୁ ଗୁନ୍ଥିଲେ । ଗୋଟିଏ ପତାକା ମାଳରେ କେତୋଟି ପତାକା ଲାଗିବ ? କେତୋଟି ପତାକା ବଳିପଡ଼ିବ ?

(ଛ) ଜଣେ କମଳା ବ୍ୟବସାୟୀ ୭୩୬ ଟି କମଳାକୁ ସମାନଭାବରେ ବାଣ୍ଟି ୮ଟି ପେଟିରେ ରଖିଲେ । ଗୋଟିଏ ପେଟିରେ କେତୋଟି କମଳା ରହିଲା ?

୮.(କ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ରହୁ ନ ଥିବ ।

(ଖ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ୨ ରହୁଥିବ ।

(ଗ) ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଜକ ୪ ହେଉଥିବ ଓ ଭାଗଶେଷ ୨ ହେଉଥିବ ।

## ଅଭ୍ୟାସ କାର୍ଯ୍ୟ

ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମାଧାନ କର ।

୧. ସପନି ଓ ତା' ସ୍ତ୍ରୀ ଶାଳପତ୍ର ତୋଳିବାକୁ ବଣକୁ ଗଲେ । ଉଭୟ ପତ୍ର ତୋଳି ଗୋଟିଏ ଜାଗାରେ ଗଦା କଲେ । ସପନି ୧୦୦ଟିକିଆ ୬ଟି ବିଡ଼ା ତିଆରି କଲା,ତା ପାଖରେ ଆଉ ୪୪ଟି ପତ୍ର ବଳିପଡ଼ିଲା । ସେମାନେ କେତୋଟି ପତ୍ର ତୋଳିଥିଲା ?

୨. ସୀତା ୪୫ ଟି ଫୁଲ ଓ ଗୀତା ୩୦ଟି ଫୁଲ ତୋଳିଲେ । ଦୁହେଁ ତୋଳିଥିବା ଫୁଲକୁ ଏକାଠି କରି ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ୫ଟି ମାଳ ତିଆରି କଲେ । ତେବେ ପ୍ରତି ମାଳରେ କେତୋଟି ଫୁଲ ରହିଲା ?

୩. ଜଣେ ବେଲୁନ୍ ବିକାଳି ୮୯ଟି ବେଲୁନ୍ ବିକିବାକୁ ନେଇଥିଲେ । ସେଥିରୁ ୧୭ଟି ବେଲୁନ୍ ଫାଟିଗଲା । ବାକିତକ ବେଲୁନ୍ ୯ଜଣ ପିଲା ସମାନ ଭାବରେ କିଣି ନେଲେ । ପ୍ରତ୍ୟେକ କେତୋଟି ବେଲୁନ୍ କିଣିଲେ ?

୪. ଦୀପାବଳି ପାଇଁ ତୁମେ ୬ଟି ଲେଖାଏଁ ମହମବତି ଥିବା ୧୦ଟି ପ୍ୟାକେଟ୍ ଓ ୧୨ଟି ଲେଖାଏଁ ମହମବତି ଥିବା ୩ଟି ପ୍ୟାକେଟ୍ କିଣିଲ । ମୋଟ୍‌ରେ କେତୋଟି ମହମବତି କିଣିଲ ?

୫. ଗୋଟିଏ ଅଟୋରେ ୫ଜଣ ଆସନ୍ତି । ଗୋଟିଏ ଡଙ୍ଗାରେ ଥରକେ ୮ ଜଣ ନଇ ପାରିହୁଅନ୍ତି । ଦିନେ ୧୬ଟି ଅଟୋରେ ଲୋକ ଆସିଲେ । ସେମାନେ ସମସ୍ତେ କେତେ ଥରରେ ନଇ ପାରି ହେବେ ?

୬. ବାପା ବଜାରରୁ କିଛି ଗୋଲାପ ଚାରା ଆଣି ପ୍ରତି ଧାଡ଼ିରେ ୮ଟି କରି ୯ ଧାଡ଼ିରେ ଲଗାଇଲେ । ସେ ଯଦି ପ୍ରତି ଧାଡ଼ିରେ ୬ଟି କରି ଲଗାଇଥାନ୍ତେ ତେବେ କେତୋଟି ଧାଡ଼ି ହୋଇଥାନ୍ତା ?

୭. ବାତ୍ୟା ବେଳେ ଗୋଟିଏ ସାହିରେ ପ୍ରତି ପରିବାରକୁ ୬ ପ୍ୟାକେଟ୍ ପାଉଁରୁଟି ଦେବାରୁ ୫ ପ୍ୟାକେଟ୍ ବଳି ପଡ଼ିଲା । ସାହିରେ ୯ଟି ପରିବାର ଥିଲେ । କେତେ ପ୍ୟାକେଟ୍ ପାଉଁରୁଟି ବଣ୍ଟାଯିବାକୁ ଆସିଥିଲା ?

୮. ତୁମ ବିଦ୍ୟାଳୟ ପାଠାଗାରରେ ୭ଟି ଥାକରେ ୩୧୫ ଖଣ୍ଡ ବହି ଅଛି । ଯଦି ସବୁ ଥାକରେ ସମାନ ସଂଖ୍ୟକ ବହିଥାଏ, ତେବେ ୨୫ ଟି ଥାକରେ କେତେ ଖଣ୍ଡ ବହି ରହିବ ?

୯. ଗୋଟିଏ ଗଛରୁ ୫ ଜଣ ପିଲା ମିଶି ୨୪୮ ଟି ଆମ୍ବ ତୋଳିଲେ । ସେଥିରୁ ୮ ଟି ଆମ୍ବ ନଷ୍ଟ ହୋଇଗଲା । ଅବଶିଷ୍ଟ ଆମ୍ବକୁ ସେମାନେ ସମାନ ଭାଗରେ ବାଣ୍ଟିନେଲେ, ପ୍ରତ୍ୟେକ ପିଲା କେତୋଟି ଲେଖାଏଁ ଆମ୍ବ ପାଇଲେ ?

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solutions OBS

୧୦. କେତେକ ପ୍ରଶ୍ନର ସମାଧାନ ଲେଖାଅଛି । ସେହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।

(କ) ୧ ମିଟର କନାର ଦାମ୍ = ୧୨୫ ଟଙ୍କା

୪ ମିଟର କନାର ଦାମ୍ = ୧୨୫ଟଙ୍କା × ୪ = ୫୦୦ଟଙ୍କା

∴ ୪ମିଟର କନା କିଣିଲେ ୫୦୦ଟଙ୍କା ଦେବାକୁ ପଡ଼ିବ ।

(ଖ) ସ୍ୱାଧୀନତା ଦିବସରେ ଆସିଥିବା ଚକୋଲେଟ୍ ସଂଖ୍ୟା = ୨୫୦

ପ୍ରତ୍ୟେକ ପିଲା ପାଇଥିବା ଚକୋଲେଟ୍ ସଂଖ୍ୟା = ୫

ପିଲାସଂଖ୍ୟା = ୨୫୦ ÷ ୫ = ୫୦

∴ ୫୦ ଜଣ ପିଲା ଚକୋଲେଟ୍ ପାଇଲେ ।

୧୧. ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଠିକ୍ ଗାଣିତିକ ପ୍ରକ୍ରିୟାଟିକୁ ବାଛ ।

(କ). ୧୧୫ଟି ଚକୋଲେଟ୍‌କୁ ୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାହେଲା । ପ୍ରତ୍ୟେକ କେତୋଟି ଚକୋଲେଟ୍ ପାଇବେ ?

(କ) ୧୧୫ + ୫ (ଖ) ୧୧୫ − ୫ (ଗ) ୧୧୫ × ୫ (ଘ) ୧୧୫ ÷ ୫

(ଖ). ଗୋଟିଏ ଧାଡ଼ିରେ ୨୭୯ ଜଣ ସୈନିକ ଅଛନ୍ତି, ୬ ଧାଡ଼ିରେ କେତେଜଣ ସୈନିକ ଥିବେ ?

(କ) ୨୭୯ + ୬ (ଖ) ୨୭୯ − ୬ (ଗ) ୨୭୯ × ୬ (ଘ) ୨୭୯ ÷ ୬

(ଗ). ଗୋଟିଏ ଛାତ୍ରୀ ନିବାସରେ ୩୩୯ ଜଣ ଛାତ୍ରୀ ରହୁଥିଲେ । ପରେ ଆଉ ୨ ଜଣ ଛାତ୍ରୀ ନିବାସରେ ଯୋଗ ଦେଲେ । ମୋଟରେ କେତେ ଜଣ ଛାତ୍ରୀ ସେହି ଛାତ୍ରୀନିବାସରେ ରହିଲେ ?

(କ) ୩୩୯ + ୨ (ଖ) ୩୩୯ − ୨ (ଗ) ୩୩୯ × ୨ (ଘ) ୩୩୯ ÷ ୨

(ଘ). ଗୋଟିଏ ମହୁଫେଣାରେ ୭୬୨ଟି ମହୁମାଛି ବସିଥିଲେ । ଧୂଆଁଯୋଗୁ ସେଥିରୁ ୨୮୯ଟି ମାଛି ଉଡ଼ିଗଲେ । ମହୁଫେଣାରେ ଆଉ କେତେ ମାଛି ରହିଲେ ?

(କ) ୭୬୨ + ୨୮୯ (ଖ) ୭୬୨ − ୨୮୯ (ଗ) ୭୬୨ × ୨୮୯ (ଘ) ୭୬୨ ÷ ୨୮୯

(ଙ) ଗୋଟିଏ ସାଇକେଲ ଦୋକାନରେ ୪୮୦ଟି ସାଇକେଲ ଥିଲା ଓ ସେଥିରୁ ୨୪୫ଟି ସାଇକେଲ ବିକ୍ରି ହୋଇଗଲା । ତା' ପରଦିନ ଦୋକାନକୁ ୧୩୦ଟି ସାଇକେଲ କିଣାହୋଇ ଆସିଲା । ଦୋକାନରେ ମୋଟ୍ କେତୋଟି ସାଇକେଲ ହେଲା ?

(କ) ୪୮୦ + ୨୪୫ + ୧୩୦ (ଖ) ୪୮୦ + ୨୪୫ − ୧୩୦

(ଗ) ୪୮୦ − ୨୪୫ − ୧୩୦ (ଘ) ୪୮୦ − ୨୪୫ + ୧୩୦

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT OBS

## ପ୍ରଶ୍ନ ଓ ଉତ୍ତର

୧ । ଭାଗଫଳ ଓ ଭାଗଶେଷ ନିର୍ଣ୍ଣୟ କର ।

(କ) ୪୬୮ ÷ ୨ (ଖ) ୯୨୧ ÷ ୩

(ଗ) ୭୦୨ ÷ ୩ (ଘ) ୩୯୬ ÷ ୭

(ଙ) ୬୧୭ ÷ ୯ (ଚ) ୮୦୫ ÷ ୧୦

ପ୍ରତ୍ୟେକ କ୍ଷେତ୍ରରେ ଭାଗଶେଷ, ଭାଜକଠାରୁ ଅଧିକ ହେଉଛି ନା କମ୍ ହେଉଛି ? କାରଣ କ'ଣ ଲେଖ ।

ଉ : (କ) ୪୬୮ ÷ ୨

```
   ୨୩୪
୨)୪୬୮
  -୪
   ୦୬
  - ୬
    ୦୮
   - ୮
     ୦
```

∴ ଭାଗଫଳ = ୨୩୪ ଓ ଭାଗଶେଷ = ୦

(ଖ) ୯୨୧ ÷ ୩

```
   ୩୦୭
୩)୯୨୧
  -୯
   ୦୨
   -୦
    ୨୧
   -୨୧
     ୦
```

∴ ଭାଗଫଳ = ୩୦୭ ଓ ଭାଗଶେଷ = ୦

(ଗ) ୭୦୨ ÷ ୩

```
   ୨୩୪
୩)୭୦୨
  -୬
   ୧୦
  - ୯
    ୧୨
   -୧୨
     ୦
```

∴ ଭାଗଫଳ = ୨୩୪ ଓ ଭାଗଶେଷ = ୦

(ଘ) ୩୯୬ ÷ ୭

```
    ୫୬
୭)୩୯୬
  -୩୫
    ୪୬
  - ୪୨
     ୪
```

∴ ଭାଗଫଳ = ୫୬ ଓ ଭାଗଶେଷ = ୪

(ଙ) ୬୧୭ ÷ ୯

```
    ୬୮
୯)୬୧୭
  -୫୪
    ୭୭
  - ୭୨
     ୫
```

∴ ଭାଗଫଳ = ୬୮ ଓ ଭାଗଶେଷ = ୫

(ଚ) ୮୦୫ ÷ ୧୦

```
     ୮୦
୧୦)୮୦୫
   -୮୦
     ୦୫
    - ୦
      ୫
```

∴ ଭାଗଫଳ = ୮୦ ଓ ଭାଗଶେଷ = ୫

∴ ଭାଜକଠାରୁ ଭାଗଶେଷ କମ୍ ହେଉଛି । କାରଣ ଯେଉଁ ସଂଖ୍ୟା ଦ୍ୱାରା ଭାଗ କରାଯାଏ ତାହା ହେଉଛି ଭାଜକ । ତେଣୁ ଭାଜକଠାରୁ ଭାଗଶେଷ କମ୍ ହେବ ।

୨ । ଶୂନ୍ୟସ୍ଥାନ ପୂରଣ କର ।

(କ) ୫୨୬ ÷ ୨ = ଭାଗଫଳ____, ଭାଗଶେଷ ____ ।

(ଖ) ୭୯୩ ÷ ୫ = ଭାଗଫଳ____, ଭାଗଶେଷ____ ।

(ଗ) ୩୦୪ ÷ ୪ = ଭାଗଫଳ____, ଭାଗଶେଷ____ ।

(ଘ) ୮୮୦ ÷ ୧୦= ଭାଗଫଳ____, ଭାଗଶେଷ____ ।

ଉ :(କ) ଭାଗଫଳ **୨୬୩**, ଭାଗଶେଷ = **୦** ।

(ଖ) ଭାଗଫଳ **୧୫୮**, ଭାଗଶେଷ = **୩** ।

(ଗ) ଭାଗଫଳ **୭୬**, ଭାଗଶେଷ = **୦** ।

(ଘ) ଭାଗଫଳ **୮୮**, ଭାଗଶେଷ = **୦** ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
(ଓଡ଼ିଶା Board and NCERT)
All Books With Solution
OBS

୩ । ଶୂନ୍ୟସ୍ଥାନ ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୮୯୫ | ୨ | ୪୪୭ | ୧ |
| ୫୮୯ | ୪ | | |
| ୭୪୨ | ୭ | | |
| ୩୦୫ | ୮ | | |
| ୯୦୧ | ୬ | | |
| ୫୫୫ | ୫ | | |

ଉ :

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୮୯୫ | ୨ | ୪୪୭ | ୧ |
| ୫୮୯ | ୪ | ୧୪୭ | ୧ |
| ୭୪୨ | ୭ | ୧୦୬ | ୦ |
| ୩୦୫ | ୮ | ୩୮ | ୧ |
| ୯୦୧ | ୬ | ୧୫୦ | ୧ |
| ୫୫୫ | ୫ | ୧୧୧ | ୦ |

୪ । ନିମ୍ନରେ ଭାଜକ, ଭାଗଫଳ ଓ ଭାଗଶେଷ ଦତ୍ତ ଅଛି । ଭାଜ୍ୟ ନିର୍ଣ୍ଣୟ କର ।

| ଭାଜକ | ଭାଗଫଳ | ଭାଗଶେଷ | ଭାଜ୍ୟ |
|---|---|---|---|
| ୭ | ୧୫ | ୩ | |
| ୯ | ୧୦୫ | ୭ | |
| ୧୦ | ୩୨୮ | ୫ | |
| ୨୩ | ୮୭୯ | ୧୩ | |

ଉ :

| ଭାଜକ | ଭାଗଫଳ | ଭାଗଶେଷ | ଭାଜ୍ୟ |
|---|---|---|---|
| ୭ | ୧୫ | ୩ | ୧୦୮ |
| ୯ | ୧୦୫ | ୭ | ୯୫୨ |
| ୧୦ | ୩୨୮ | ୫ | ୩୨୮୫ |
| ୨୩ | ୮୭୯ | ୧୩ | ୨୦୨୩୦ |

୫ । ୮, ୯ ଓ ୪କୁ ବ୍ୟବହାର କରି ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକୁ ସାରଣୀର ବାମ ପଟ ସ୍ତମ୍ଭରେ ତଳକୁ ତଳ ଲେଖ । ଲେଖିଥିବା ସଂଖ୍ୟାକୁ ଦତ୍ତ ଭାଜକମାନଙ୍କଦ୍ୱାରା ଭାଗ କରି ଯେଉଁଠି ଭାଗଶେଷ '୦' ସେଠାରେ (✓) ଚିହ୍ନ ଦିଅ, ନ ହେଲେ (×) ଚିହ୍ନ ଦିଅ ।

ଯେପରି -

| ଭାଜ୍ୟ | ଭାଜକ | | | |
|---|---|---|---|---|
| | ୨ | ୫ | ୮ | ୩ |
| ୮୯୪ | ✓ | × | × | ✓ |
| ୮୪୯ | | | | |
| | | | | |
| | | | | |
| | | | | |
| | | | | |

ଉ :

| ଭାଜ୍ୟ | ଭାଜକ | | | |
|---|---|---|---|---|
| | ୨ | ୫ | ୮ | ୩ |
| ୮୯୪ | ✓ | × | × | ✓ |
| ୮୪୯ | × | × | × | ✓ |
| ୯୪୮ | ✓ | × | × | ✓ |
| ୯୮୪ | ✓ | × | ✓ | ✓ |
| ୪୯୮ | ✓ | × | × | × |
| ୪୮୯ | × | × | × | ✓ |

୬ । ନିମ୍ନ ସାରଣୀରେ ଥିବା ଶୂନ୍ୟ ଘରଗୁଡ଼ିକରେ ଠିକ୍ ସଂଖ୍ୟା ଲେଖି ପୂରଣ କର ।

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ☐ | ୫୭ | ୭ | ୧୫ |
| ୭୫୧ | ୭ | ☐ | ୨ |
| ୩୭୯ | ୮ | ☐ | ☐ |
| ୧୦୦ | ୧୦ | ☐ | ☐ |
| ☐ | ୯ | ୬୭ | ୦ |
| ☐ | ୭ | ୯୭ | ୫ |

କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଭାଗ କଲେ ଭାଗଫଳ କ'ଣ ହେଉଛି ଲେଖ । (ଭାଜ୍ୟକୁ ୪୦, ୫୦, ୮୦, ୯୦ ଓ ୧୦୦ ନେଇ ଏହି କାମ କର ।

ଉ :

| ଭାଜ୍ୟ | ଭାଜକ | ଭାଗଫଳ | ଭାଗଶେଷ |
|---|---|---|---|
| ୪୧୪ | ୫୭ | ୭ | ୧୫ |
| ୭୫୧ | ୭ | ୧୦୭ | ୨ |
| ୩୭୯ | ୮ | ୪୭ | ୩ |
| ୧୦୦ | ୧୦ | ୧୦ | ୦ |
| ୬୦୩ | ୯ | ୬୭ | ୦ |
| ୬୮୪ | ୭ | ୯୭ | ୫ |

କୌଣସି ସଂଖ୍ୟାକୁ ୧୦ ଦ୍ୱାରା ଭାଗ କଲେ କ'ଣ ହେଉଛି ଲେଖ ।

(ଭାଜ୍ୟକୁ ୪୦, ୫୦, ୮୦, ୯୦ ଓ ୧୦୦ ନେଇ ଏହି କାମ କର ।)

ଭାଜ୍ୟରୁ ଏକକ ଅଙ୍କ କାଢ଼ିନେଲେ ବା ବାଦ୍ ଦେଲେ ଯାହା ରହିବ ତାହା ଭାଗଫଳ ହେବ ।

୪୦ ÷ ୧୦ = ୪, ୫୦ ÷ ୧୦ = ୫, ୮୦ ÷ ୧୦ = ୮, ୯୦ ÷ ୧୦ = ୯, ୧୦୦ ÷ ୧୦ = ୧୦ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

୭ । ସମାଧାନ କର ।

(କ) **କରିମ୍ ପାଖରେ ୩୬୯ଟି ଟଗର ଫୁଲ ଅଛି । ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ସେ ୩ଟି ମାଳ ତିଆରି କରିବ ବୋଲି ସ୍ଥିର କଲା । ପ୍ରତି ମାଳରେ କେତୋଟି ଫୁଲ ରହିବ ?**

ଉ : କରିମ୍ ପାଖରେ ଥିବା ଫୁଲସଂଖ୍ୟା = ୩୬୯
ସମାନ ସଂଖ୍ୟକ ଫୁଲକୁ ୩ଟି ମାଳ କଲେ
୩୬୯ ÷ ୩ = ୧୨୩ଟି ଫୁଲ
∴ ପ୍ରତି ମାଳରେ ୧୨୩ଟି ଫୁଲ ରହିବ ।

(ଖ) **ରୋମି ମହମବତି ତିଆରି କରେ । ଗୋଟିଏ ଦିନ ସେ ୭୨୫ଟି ମହମବତି ତିଆରି କଲା । ଗୋଟିଏ ପ୍ୟାକେଟ୍‌ରେ ୬ଟି ମହମବତି ରହିଲେ ସର୍ବାଧିକ କେତୋଟି ପ୍ୟାକେଟ୍ ହେବ ଓ କେତୋଟି ବତି ବଳକା ରହିବ ?**

ଉ : ରୋମି ଗୋଟିଏ ଦିନରେ ୭୨୫ଟି ମହମବତି ତିଆରି କଲା ।
ଗୋଟିଏ ପ୍ୟାକେଟ୍‌ରେ ୬ଟି ମହମବତି ରହେ
∴ ୭୨୫ ଟି ମହମବତି ରହିବ = ୭୨୫ ÷ ୬
= ୧୨୦ପଡ଼ି ୫ଟି ବଳିଲା ।
∴ ମୋଟ ୧୨୦ଟି ପ୍ୟାକେଟ୍ ହେବ ଓ ୫ଟି ବଳକା ରହିବ ।

(ଗ) **ତୁମ ଜନ୍ମଦିନରେ ବାପା ଗଛରୁ ୨୨୫ଟି ଚମ୍ପା ଫୁଲ ତୋଳିଥିଲେ । ଏହି ଫୁଲଗୁଡ଼ିକୁ ପ୍ରତି ଅତିଥିଙ୍କୁ ୫ଟି କରି ଦେବାରୁ ସମସ୍ତ ଅତିଥି ଫୁଲ ପାଇଲେ ଏବଂ ଆଉ ଫୁଲ ବଳିଲା ନାହିଁ । ତୁମ ଜନ୍ମଦିନର ଅତିଥି ସଂଖ୍ୟା କେତେ ?**

ଉ : ଚମ୍ପାଫୁଲ ସଂଖ୍ୟା = ୨୨୫
ପ୍ରତ୍ୟେକ ପାଇଲେ ୫ଟି କରି, ତେଣୁ ୨୨୫ଟି ଫୁଲ ପାଇଲେ
୨୨୫ ÷ ୫ = ୪୫ଜଣ
∴ ଜନ୍ମଦିନରେ ଅତିଥି ସଂଖ୍ୟା = ୪୫ଜଣ ।

(ଘ) **୪୩ ଜଣ ପିଲାଙ୍କ ମଧ୍ୟରୁ ପ୍ରତି ପିଲାକୁ ୪ଟି ଲେଖାଏଁ କମଳା ବାଣ୍ଟିବାରୁ ୨୮ଟି କମଳା ବଳି ପଡ଼ିଲା । ଯଦି ଜଣକୁ ୫ଟି କରି କମଳା ଦିଆଯାଇଥାନ୍ତା ତେବେ ଆଉ କେତୋଟି କମଳା ଦରକାର ପଡ଼ିଥାନ୍ତା ?**

**(ଅର୍ଦ୍ଧବାର୍ଷିକ : ୨୦୧୬-୨୦୧୭)**

ଉ : ଜଣେ ପିଲା ପାଇଥିବା କମଳା ସଂଖ୍ୟା = ୪
୪୩ଜଣ ପାଇବେ କମଳା ସଂଖ୍ୟା=୪୩ × ୪ = ୧୭୨
୪୩ଜଣଙ୍କୁ କମଳା ବାଣ୍ଟିବା ପରେ ବଳକା କମଳା ସଂଖ୍ୟା = ୨୮
∴ ମୋଟ କମଳା ସଂଖ୍ୟା = ୧୭୨ + ୨୮ = ୨୦୦
ଯଦି ଜଣକୁ ୫ଟି କରି କମଳା ଦିଆଯାଏ, ତେବେ ୪୩ଜଣ ପିଲା ପାଇବେ = ୪୩ × ୫=୨୧୫
∴ ଆଉ କମଳା ଦରକାର ହୋଇଥା'ନ୍ତା = ୨୧୫ − ୨୦୦ = ୧୫ ।

(ଙ) **ଶିଶୁ ଦିବସରେ ଶିକ୍ଷକ ୧୫୬ ଜଣ ପିଲାଙ୍କୁ ୫ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ । ତାଙ୍କ ପାଖରେ ଆଉ ୩୮ଟି ଚକୋଲେଟ୍ ବଳି ପଡ଼ିଲା । ତେବେ ସେ କେତୋଟି ଚକୋଲେଟ୍ ଆଣିଥିଲେ ?**

**(ଅର୍ଦ୍ଧବାର୍ଷିକ : ୨୦୧୪-୨୦୧୫)**

ଉ : ଜଣକୁ ଚକୋଲେଟ୍ ଦିଆଗଲା= ୫ଟି
∴ ୧୫୬ଜଣ ପିଲା ପାଇବେ=୧୫୬ × ୫ = ୭୮୦ଟି
ବଳକା ଚକୋଲେଟ୍ ସଂଖ୍ୟା = ୩୮
∴ ମୋଟ୍ ଚକୋଲେଟ୍ ସଂଖ୍ୟା = ୭୮୦ + ୩୮ = ୮୧୮ଟି ।

(ଚ) **ସ୍ୱାଧୀନତା ଦିବସରେ ସାଜସଜ୍ଜା ପାଇଁ ପିଲାମାନେ ୬୩୭ଟି ପତାକା ତିଆରି କରି ସମାନ ଭାବରେ ୫ଟି ମାଳରେ ପତାକାଗୁଡ଼ିକୁ ଗୁନ୍ଥିଲେ । ଗୋଟିଏ ପତାକା ମାଳରେ କେତୋଟି ପତାକା ଲାଗିବ ? କେତୋଟି ପତାକା ବଳିପଡ଼ିବ ?**

ଉ : ମୋଟ ୬୩୭ଟି ପତାକାକୁ ସମାନ ଭାବରେ ୫ଟି ମାଳରେ ପତାକା ଗୁନ୍ଥାଯିବ ।
୬୩୭ ÷ ୫ = ୧୨୭ ପଡ଼ି ୨ ବଳିବ ।
∴ ଗୋଟିଏ ପତାକା ମାଳରେ ୧୨୭ଟି ପତାକା ଲାଗିବ ଏବଂ ୨ଟି ପତାକା ବଳିପଡ଼ିବ ।

(ଛ) **ଜଣେ କମଳା ବ୍ୟବସାୟୀ ୭୩୬ଟି କମଳାକୁ ସମାନ ଭାବରେ ବାଣ୍ଟି ୮ଟି ପେଟିରେ ରଖିଲେ । ଗୋଟିଏ ପେଟିରେ କେତୋଟି କମଳା ରହିଲା ?**

ଉ : ୭୩୬ଟି କମଳାକୁ ସମାନ ଭାବରେ ବାଣ୍ଟି ୮ଟି ପେଟିରେ ରଖାଗଲା ।
୭୩୬ ÷ ୮= ୯୨ଟି
∴ ଗୋଟିଏ ପେଟିରେ ୯୨ଟି କମଳା ରହିଲା ।

୮ । (କ) **ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ରହୁ ନ ଥିବ ।**

ଉ : ୩୬୦ ÷ ୪ ଏବଂ ୨୪୬ ÷ ୬


(ଖ) **ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଗଶେଷ ୨ ରହୁଥିବ ।**

ଉ : ୧୮୨ ÷ ୬ ଏବଂ ୮୯୦ ÷ ୬

(ଗ) **ତୁମ ମନରୁ ଦୁଇଟି ହରଣ ପରିସ୍ଥିତିର ଉଦାହରଣ ଦିଅ, ଯେଉଁଥିରେ ଭାଜକ ୪ ହେଉଥିବ ଓ ଭାଗଶେଷ ୨ ହେଉଥିବ ।**

ଉ : ୬୨୨ ÷ ୪ ଏବଂ ୩୫୪ ÷ ୪

COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS



# ଅଭ୍ୟାସ
## ପ୍ରଶ୍ନ ଓ ଉତ୍ତର



**ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସମାଧାନ କର ।**

**୧ । ସପନି ଓ ତା'ସ୍ତ୍ରୀ ଶାଳପତ୍ର ତୋଳିବାକୁ ବଣକୁ ଗଲେ । ଉଭୟ ପତ୍ର ତୋଳି ଗୋଟିଏ ଜାଗାରେ ଗଦା କଲେ । ସପନି ୧୦୦ ଟିକିଆ ୬ଟି ବିଡ଼ା ତିଆରି କଲା, ତା' ପାଖରେ ଆଉ ୪୪ଟି ପତ୍ର ବଳିପଡ଼ିଲା । ସେମାନେ କେତୋଟି ପତ୍ର ତୋଳିଥିଲେ ?**

ଉ : ୧୦୦ଟିକିଆ ୬ଟି ବିଡ଼ା
ଅର୍ଥାତ୍ ମୋଟ ପତ୍ର ସଂଖ୍ୟା = ୧୦୦ × ୬ = ୬୦୦
ବଳକା ପତ୍ର ସଂଖ୍ୟା = ୪୪
∴ ତୋଳା ଯାଇଥିବା ମୋଟ ପତ୍ରସଂଖ୍ୟା
= ୬୦୦ + ୪୪ = ୬୪୪
∴ ସେମାନେ ୬୪୪ଟି ପତ୍ର ତୋଳିଥିଲେ ।

**୨ । ସୀତା ୪୫ଟି ଫୁଲ ଓ ଗୀତା ୩୦ଟି ଫୁଲ ତୋଳିଲେ । ଦୁହେଁ ତୋଳିଥିବା ଫୁଲକୁ ଏକାଠି କରି ପ୍ରତି ମାଳରେ ସମାନ ସଂଖ୍ୟକ ଫୁଲ ଗୁନ୍ଥି ୫ଟି ମାଳ ତିଆରି କଲେ । ତେବେ ପ୍ରତି ମାଳରେ କେତୋଟି ଫୁଲ ରହିଲା ?**

ଉ : ସୀତା ତୋଳିଥିବା ଫୁଲ ସଂଖ୍ୟା = ୪୫ ଟି
ଗୀତା ତୋଳିଥିବା ଫୁଲ ସଂଖ୍ୟା = ୩୦ ଟି
+
ଦୁହିଁଙ୍କର ମୋଟ ଫୁଲ ସଂଖ୍ୟା = ୭୫ ଟି
ସେ ଦୁହେଁ ୭୫ଟି ଫୁଲକୁ ସମାନ ସଂଖ୍ୟକ ୫ଟି ମାଳ ତିଆରି କଲେ ।
∴ ପ୍ରତି ମାଳରେ ଫୁଲ ସଂଖ୍ୟା = ୭୫ ÷ ୫ = ୧୫ଟି
∴ ପ୍ରତି ମାଳରେ ୧୫ଟି ଫୁଲ ରହିଲା ।

**୩ । ଜଣେ ବେଲୁନ୍ ବିକାଳି ୮୯ଟି ବେଲୁନ୍ ବିକିବାକୁ ନେଇଥିଲେ । ସେଥିରୁ ୧୭ଟି ବେଲୁନ୍ ଫାଟିଗଲା । ବାକିତକ ବେଲୁନ୍ ୯ ଜଣ ପିଲା ସମାନ ଭାବରେ କିଣି ନେଲେ । ପ୍ରତ୍ୟେକ କେତୋଟି ବେଲୁନ୍ କିଣିଲେ ?**

ଉ : ବେଲୁନ୍ ବିକାଳି ବିକିବାକୁ ନେଇଥିବା ବେଲୁନ୍ ସଂଖ୍ୟା = ୮୯ଟି
ଫାଟି ଯାଇଥିବା ବେଲୁନ୍ ସଂଖ୍ୟା = ୧୭ଟି
ବଳକା ବେଲୁନ୍ ସଂଖ୍ୟା = ୮୯ − ୧୭ = ୭୨ଟି
୭୨ଟି ବେଲୁନ୍‌କୁ ୯ ଜଣ ପିଲା ସମାନ ଭାବରେ ବାଣ୍ଟି ନେଲେ
∴ ପ୍ରତ୍ୟେକ ବେଲୁନ୍ କିଣିଲେ = ୭୨ ÷ ୯ = ୮ଟି ।

**୪ । ଦୀପାବଳି ପାଇଁ ତୁମେ ୬ଟି ଲେଖାଏଁ ମହମବତି ଥିବା ୧୦ଟି ପ୍ୟାକେଟ୍ ଓ ୧୨ଟି ଲେଖାଏଁ ମହମବତି ଥିବା ୩ଟି ପ୍ୟାକେଟ୍ କିଣିଲ । ମୋଟରେ କେତୋଟି ମହମବତି କିଣିଲ ?**

ଉ : ୬ଟି ଲେଖାଏଁ ମହମବତି= ୧୦ଟି ପ୍ୟାକେଟ୍
∴ ମୋଟ ମହମବତି ସଂଖ୍ୟା = ୧୦ × ୬ = ୬୦ଟି
ପୁଣି ୧୨ଟି ଲେଖାଏଁ ମହମବତି = ୩ଟି ପ୍ୟାକେଟ୍
∴ ମୋଟ ମହମବତି ସଂଖ୍ୟା = ୧୨ × ୩ = ୩୬ଟି
∴ ସମୁଦାୟ ମହମବତି ସଂଖ୍ୟା = ୬୦ + ୩୬
= ୯୬ ।
∴ ମୋଟରେ ୯୬ଟି ମହମବତି କିଣାହେଲା ।

**୫ । ଗୋଟିଏ ଅଟୋରେ ୫ ଜଣ ଆସନ୍ତି । ଗୋଟିଏ ଡଙ୍ଗାରେ ଥରକେ ୮ ଜଣ ନଇ ପାରିହୁଅନ୍ତି । ଦିନେ ୧୬ଟି ଅଟୋରେ ଲୋକ ଆସିଲେ । ସେମାନେ ସମସ୍ତେ କେତେ ଥରରେ ନଈ ପାରି ହେବେ ?**

ଉ : ଗୋଟିଏ ଅଟୋରେ ୫ ଜଣ ଆସନ୍ତି ।
∴ ୧୬ଟି ଅଟୋରେ ଆସିବେ = ୧୬ × ୫
= ୮୦ ଜଣ
ଗୋଟିଏ ଡଙ୍ଗାରେ ଥରକେ ୮ ଜଣ ପାରିହୁଅନ୍ତି ।
∴ ୮୦ ଜଣ ଡଙ୍ଗାରେ ପାରି ହେବେ = ୮୦ ÷ ୮
= ୧୦ ଥର
∴ ସମସ୍ତେ ୧୦ ଥରରେ ନଇ ପାରି ହେବେ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solution
OBS

**୬ । ବାପା ବଜାରରୁ କିଛି ଗୋଲାପ ଚାରା ଆଣି ପ୍ରତି ଧାଡ଼ିରେ ୮ଟି କରି ୯ ଧାଡ଼ିରେ ଲଗାଇଲେ । ସେ ଯଦି ପ୍ରତି ଧାଡ଼ିରେ ୬ଟି କରି ଲଗାଇଥାନ୍ତେ ତେବେ କେତୋଟି ଧାଡ଼ି ହୋଇଥାନ୍ତା ?**

ଉ : ଗୋଟିଏ ଧାଡ଼ିରେ ୮ଟି ଚାରା ଲଗାଗଲା ।
∴ ୯ଟି ଧାଡ଼ିରେ ଚାରା ଲାଗିବ = ୮ × ୯
= ୭୨ଟି ଚାରା
ସେ ଯଦି ପ୍ରତି ଧାଡ଼ିରେ ୬ଟି କରି ଚାରା ଲଗାଇଥାନ୍ତେ
∴ ତେବେ ଧାଡ଼ିସଂଖ୍ୟା = ୭୨ ÷ ୬ = ୧୨ ହେବ ।

**୭ । ବାତ୍ୟା ବେଳେ ଗୋଟିଏ ସାହିରେ ପ୍ରତି ପରିବାରକୁ ୬ ପ୍ୟାକେଟ୍ ପାଉଁରୁଟି ଦେବାରୁ ୫ ପ୍ୟାକେଟ୍ ବଳି ପଡ଼ିଲା । ସାହିରେ ୯ଟି ପରିବାର ଥିଲେ । କେତେ ପ୍ୟାକେଟ୍ ପାଉଁରୁଟି ବଣ୍ଟାଯିବାକୁ ଆସିଥିଲା ?**

ଉ : ପ୍ରତି ପରିବାରକୁ ପାଉଁରୁଟି ବଣ୍ଟା ହେଲା = ୬ ପ୍ୟାକେଟ୍
∴ ୯ଟି ପରିବାରକୁ ବଣ୍ଟା ଯିବ = ୬ × ୯
= ୫୪ ପ୍ୟାକେଟ୍
ବଳକା ପାଉଁରୁଟି ସଂଖ୍ୟା = ୫ ପ୍ୟାକେଟ୍
∴ ବଣ୍ଟା ହେବାକୁ ଆସିଥିବା ପାଉଁରୁଟି ପ୍ୟାକେଟ୍ ସଂଖ୍ୟା
= ୫୪ + ୫ = ୫୯

୮ । **ତୁମ ବିଦ୍ୟାଳୟ ପାଠାଗାରରେ ୭ଟି ଥାକରେ ୩୧୫ ଖଣ୍ଡ ବହି ଅଛି । ଯଦି ସବୁ ଥାକରେ ସମାନ ସଂଖ୍ୟକ ବହି ଥାଏ, ତେବେ ୨୫ଟି ଥାକରେ କେତେ ଖଣ୍ଡ ବହି ରହିବ ?**

ଉ : ୭ଟି ଥାକର ବହି ସଂଖ୍ୟା = ୩୧୫ ଖଣ୍ଡ

∴ ୧ଟି ଥାକର ବହି ସଂଖ୍ୟା = ୩୧୫ ÷ ୭

= ୪୫ ଖଣ୍ଡ

∴ ୨୫ଟି ଥାକର ବହି ସଂଖ୍ୟା = ୪୫ × ୨୫

= ୧୧୨୫ ଖଣ୍ଡ

∴ ୨୫ଟି ଥାକରେ ମୋଟ ୧୧୨୫ ଖଣ୍ଡ ବହି ରହିବ ।

୯ । **ଗୋଟିଏ ଗଛରୁ ୫ ଜଣ ପିଲା ମିଶି ୨୪୮ଟି ଆମ୍ବ ତୋଳିଲେ । ସେଥିରୁ ୮ଟି ଆମ୍ବ ନଷ୍ଟ ହୋଇଗଲା । ଅବଶିଷ୍ଟ ଆମ୍ବକୁ ସେମାନେ ସମାନ ଭାଗରେ ବାଣ୍ଟିନେଲେ, ପ୍ରତ୍ୟେକ ପିଲା କେତୋଟି ଲେଖାଏଁ ଆମ୍ବ ପାଇଲେ ?**

ଉ : ଗୋଟିଏ ଗଛରୁ ୫ଜଣ ପିଲା ମୋଟ ୨୪୮ଟି ଆମ୍ବ ତୋଳିଲେ ।

ସେଥିରୁ ନଷ୍ଟ ହେଲା = ୮ଟି

ଅବଶିଷ୍ଟ ରହିଲା = ୨୪୮ − ୮ = ୨୪୦

୨୪୦ଟି ଆମ୍ବକୁ ସମାନ ୫ଭାଗ କରାଗଲା ।

୨୪୦ ÷ ୫ = ୪୮ଟି

∴ ପ୍ରତ୍ୟେକ ପିଲା ୪୮ଟି ଲେଖାଏଁ ଆମ୍ବ ପାଇଲେ ।

୧୦ । **କେତେକ ପ୍ରଶ୍ନର ସମାଧାନ ଲେଖାଅଛି । ସେହି ସମାଧାନ ପାଇଁ ପ୍ରଶ୍ନଟି କ'ଣ ହେବ ଲେଖ ।**

(କ) ୧ ମିଟର କନାର ଦାମ୍ = ୧୨୫ ଟଙ୍କା

୪ ମିଟର କନାର ଦାମ୍ = ୧୨୫ ଟଙ୍କା × ୪

= ୫୦୦ ଟଙ୍କା

∴ ୪ ମିଟର କନା କିଣିଲେ ୫୦୦ ଟଙ୍କା ଦେବାକୁ ପଡ଼ିବ ।

**ପ୍ରଶ୍ନ : ପ୍ରତି ମିଟରକୁ ୧୨୫ ଟଙ୍କା ଦରରେ ୪ ମିଟର କନା କିଣିଲେ କେତେ ଟଙ୍କା ଦେବାକୁ ପଡ଼ିବ ?**

(ଖ) ସ୍ୱାଧୀନତା ଦିବସରେ ଆସିଥିବା ଚକୋଲେଟ୍ ସଂଖ୍ୟା = ୨୫୦

ପ୍ରତ୍ୟେକ ପିଲା ପାଇଥିବା ଚକୋଲେଟ୍ ସଂଖ୍ୟା = ୫

ପିଲାସଂଖ୍ୟା = ୨୫୦ ÷ ୫ = ୫୦

∴ ୫୦ ଜଣ ପିଲା ଚକୋଲେଟ୍ ପାଇଲେ ।

**ପ୍ରଶ୍ନ : ସ୍ୱାଧୀନତା ଦିବସରେ ୨୫୦ଟି ଚକୋଲେଟ୍ ଆସିଥିଲା । ପ୍ରତ୍ୟେକ ପିଲାକୁ ୫ଟି ଲେଖାଏଁ ଚକୋଲେଟ୍ ବାଣ୍ଟିଲେ କେତେ ଜଣ ପିଲା ଚକୋଲେଟ୍ ପାଇବେ ?**

୧୧ । **ତଳେ କେତେଗୁଡ଼ିଏ ପ୍ରଶ୍ନ ଦିଆଯାଇଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଠିକ୍ ଗାଣିତିକ ପ୍ରକ୍ରିୟାଟିକୁ ବାଛ ।**

(କ) ୧୧୫ଟି ଚକୋଲେଟ୍‌କୁ ୫ ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାହେଲା । ପ୍ରତ୍ୟେକ କେତୋଟି ଚକୋଲେଟ୍ ପାଇବେ ?

(କ) ୧୧୫ + ୫ (ଖ) ୧୧୫ − ୫

(ଗ) ୧୧୫ × ୫ (ଘ) ୧୧୫ ÷ ୫

(ଖ) ଗୋଟିଏ ଧାଡ଼ିରେ ୨୭୯ ଜଣ ସୈନିକ ଅଛନ୍ତି, ୬ ଧାଡ଼ିରେ କେତେଜଣ ସୈନିକ ଥିବେ ?

(କ) ୨୭୯ + ୬ (ଖ) ୨୭୯ − ୬

(ଗ) ୨୭୯ × ୬ (ଘ) ୨୭୯ ÷ ୬

(ଗ) ଗୋଟିଏ ଛାତ୍ରୀ ନିବାସରେ ୩୩୯ ଜଣ ଛାତ୍ରୀ ରହୁଥିଲେ । ପରେ ଆଉ ୨ ଜଣ ଛାତ୍ରୀ ନିବାସରେ ଯୋଗ ଦେଲେ । ମୋଟରେ କେତେ ଜଣ ଛାତ୍ରୀ ସେହି ଛାତ୍ରୀନିବାସରେ ରହିଲେ ।

(କ) ୩୩୯ + ୨ (ଖ) ୩୩୯ − ୨

(ଗ) ୩୩୯ × ୨ (ଘ) ୩୩୯ ÷ ୨

(ଘ) ଗୋଟିଏ ମହୁଫେଣାରେ ୭୬୨ଟି ମହୁମାଛି ବସିଥିଲେ । ଧୂଆଁଯୋଗୁ ସେଥିରୁ ୨୮୯ଟି ମାଛି ଉଡ଼ିଗଲେ । ମହୁଫେଣାରେ ଆଉ କେତେ ମାଛି ରହିଲେ ?

(କ) ୭୬୨ + ୨୮୯ (ଖ) ୭୬୨ − ୨୮୯

(ଗ) ୭୬୨ × ୨୮୯ (ଘ) ୭୬୨ ÷ ୨୮୯

(ଙ) ଗୋଟିଏ ସାଇକେଲ ଦୋକାନରେ ୪୮୦ଟି ସାଇକେଲ ଥିଲା ଓ ସେଥିରୁ ୨୪୫ଟି ସାଇକେଲ ବିକ୍ରି ହୋଇଗଲା । ତା' ପରଦିନ ଦୋକାନକୁ ୧୩୦ଟି ସାଇକେଲ କିଣାହୋଇ ଆସିଲା । ଦୋକାନରେ ମୋଟ କେତୋଟି ସାଇକେଲ ହେଲା ?

(କ) ୪୮୦ + ୨୪୫ + ୧୩୦

(ଖ) ୪୮୦ + ୨୪୫ − ୧୩୦

(ଗ) ୪୮୦ − ୨୪୫ − ୧୩୦

(ଘ) ୪୮୦ − ୨୪୫ + ୧୩୦

ଉ : (କ) (ଘ) ୧୧୫ ÷ ୫ (ଖ) (ଗ) ୨୭୯ × ୬

(ଗ) (କ) ୩୩୯ + ୨

(ଘ) (ଖ) ୭୬୨ − ୨୮୯

(ଙ) (ଖ) ୪୮୦ − ୨୪୫ + ୧୩୦

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS